# ଅନୁଗୋଳରେ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ।

## Observation of world Breast feeding week.

ଅନୁଗୋଳ,ତା.୭.୮.:- ଶିଶୁ ମୃତ୍ୟୁହାରକୁ କମାଇବା ସହ ସେମାନଙ୍କର ବୌଦ୍ଧିକ ଓ ମାନସିକ ଶକ୍ତିର ବିକାଶ ଘଟାଇବା ନିମନ୍ତେ ସାରା ବିଶ୍ୱରେ ଅଗଷ୍ଟ ଏକ ତାରିଖରୁ ସାତ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହେଉଛି । ଚଳିତ ବର୍ଷ ବିଶ୍ୱ ସ୍ତନ୍ୟପାନ ସପ୍ତାହର ବାର୍ତ୍ତା ହେଉଛି " ସମସ୍ତ ପିତାମାତା ସକ୍ରିୟ ହୋଇ ସ୍ତନ୍ୟପାନକୁ ପ୍ରୋତ୍ସାହିତ କରନ୍ତୁ " । ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କୋର୍ଟରୁମଠାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମା କ୍ଷୀରର ବିକଳ୍ପ ନାହିଁ ତେଣୁ ଜନ୍ମରୁ ୬ ମାସ ପର୍ଯ୍ୟନ୍ତ ସମସ୍ତ ଶିଶୁକୁ ବାଧ୍ୟତାମୂଳକ ଭାବେ ମାଆ କ୍ଷୀର ଖୁଆଇବା ନିମନ୍ତେ ମାଆମାନଙ୍କୁ ସଚେତନ କରିବା ପାଇଁ ସେ ବିଭାଗୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିରେ ଶିଶୁମାନଙ୍କର ବୌଦ୍ଧିକ ଓ ଶାରୀରିକ ଶକ୍ତିର ବିକାଶ ଘଟିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ । ଏହି ଦିବସ ପାଳନର ମହତ୍ ଉଦ୍ଦେଶ୍ୟ ରହିଛି । ଏହି ଦିବସକୁ ସପ୍ତାହ ବ୍ୟାପୀ ପାଳନ ମଧ୍ୟରେ ସିମୀତ ନ ରଖି ନିଃଶଙ୍କୋଚରେ ସମସ୍ତେ ନିଜ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ପ୍ରତି ସଚେତନ ହେବା ସହ ମାଆମାନଙ୍କୁ ସଚେତନ କରିବାକୁ ସେ ଆହ୍ୱାନ କରିଥିଲେ । ମା କ୍ଷୀର ଅମୃତ ଭଳି ଏବଂ ଶିଶୁକୁ ତାର ଏହି ଅଧିକାରରୁ ବଞ୍ଚିତ ନ କରି ଦେଶର ବିକାଶ ତଥା ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ସମସ୍ତଙ୍କର ମାନସିକତାରେ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ । ଏଡିଏମଓ (ପରିବାର ମଙ୍ଗଳ) ଡା.ତ୍ରିଲୋଚନ ପ୍ରଧାନ ଏହି ବୈଠକରେ ଯୋଗ ଦେଇ ସ୍ତନ୍ୟପାନ ଦ୍ୱାରା ମାଆ ଓ ଶିଶୁ ମଧ୍ୟରେ ଏକ ଆବେଗଭରା ସମ୍ପର୍କ ଗଢିଉଠିଥାଏ ବୋଲି ପ୍ରକାଶ କରିଥିଲେ । ପିଲାପାଇଁ ଆବଶ୍ୟକ ସମସ୍ତ ପ୍ରକାର ଖାଦ୍ୟସାର ମାଆ କ୍ଷୀରରେ ମହଜୁଦ୍ ଥିବାରୁ ଏହା ଶିଶୁକୁ ଅପପୁଷ୍ଟି ଓ ବିଭିନ୍ନ ରୋଗରୁ ରକ୍ଷା କରିବା ସହ ମାନସିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ ଓ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ ବୋଲି ପ୍ରକାଶ କରିଥିଲେ । ସ୍ତନ୍ୟପାନ କରାଉଥିବା ମାଆ ମାନଙ୍କର ସ୍ତନ କର୍କଟ ହୁଏ ନାହିଁ ବୋଲି ମଧ୍ୟ ସେ ମତବ୍ୟକ୍ତ କରିଥିଲେ । ଏହି ଉପଲକ୍ଷେ ଆଶା,ଅଙ୍ଗନୱାଡି କର୍ମୀ, କିଶୋରୀ ବାଳିକା ଓ ମାଆ ମାନଙ୍କ ମଧ୍ୟରେ ଏକ କୁଇଜ୍ କାର୍ଯ୍ୟକ୍ରମ ଏବଂ ୬ ମାସରୁ ଏକ ବର୍ଷ ମଧ୍ୟରେ ପିଲାମାନଙ୍କୁ ନେଇ ଏକ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଶାର ସହକାରୀ ପରିଚାଳକ ବିକାଶିନି ପରିଡାଙ୍କ ସମେତ ସିଡିପିଓ,ସୁପରଭାଇଜର,ଜିଲ୍ଲା ସମାଜ ମଙ୍ଗଳ ବିଭାଗର କର୍ମକର୍ତ୍ତା,ଅଙ୍ଗନୱାଡି ଓ ଆଶା କର୍ମୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଆଇ.ସି.ଡି.ଏସ୍‌ର ପ୍ରୋଗ୍ରାମ ଅଫିସର ପୌର୍ଣ୍ଣମାସୀ ରଥ ଓ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କାର୍ଯ୍ୟ ସମ୍ପାଦନ ଓ ମୂଲ୍ୟ ନିର୍ଦ୍ଧାରଣ ପରିଚାଳିକା ଝିଲି ଖଟୁଆ ପରିଚାଳନା କରିଥିଲେ ।


COURT OF THE COLLECTOR & DISTRICT MAGISTRATE
ANGUL
ଜିଲ୍ଲା ସ୍ତରୀୟ
ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ


ବିଶ୍ୱ ସ୍ତନ୍ୟପାନ ସପ୍ତାହ


ଜିଲ୍ଲା ସ୍ତରୀୟ
ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ
୧-୭ ଅଗଷ୍ଟ ୨୦୧୯